# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ ଆଜି

## ସୁରକ୍ଷା ଦାୟିତ୍ୱରେ ୩ ଏସ୍‌ପି, ୪୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଛତ୍ରପୁର/ହିଞ୍ଜିଳିକାଟୁ/ଶେରଗଡ଼/କବିସୂର୍ଯ୍ୟନଗର,୨୫।୩(ଡି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସିବେ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ମୁଖ୍ୟମନ୍ତ୍ରୀ ହିଞ୍ଜିଳି, କବିସୂର୍ଯ୍ୟନଗର ଓ ଛତ୍ରପୁରରେ ସାଧାରଣ ସଭାରେ ଉଦବୋଧନ ଦେବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ଜିଲାରେ ୧୯୫୨.୮୯ କୋଟି ଟଙ୍କାର ୮୨୫ଟି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିସହ ୨୨ ହଜାର ୨୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୨.୨୪ ଲକ୍ଷ ମିଶନ ଶକ୍ତି ମହିଳାଙ୍କୁ ୬୧୯ କୋଟି ଟଙ୍କାର ବିନା ସୁଧରେ ଋଣ ଓ ସହାୟତା ପ୍ରଦାନ କରିବେ। ୨୦ ହଜାର ହିତାଧିକାରୀଙ୍କୁ ଗ୍ରାମ କଣ୍ଠ ପଟା ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଜିଲାର ୩ଟି ସ୍ଥାନରେ କାର୍ଯ୍ୟକ୍ରମ ଥିବାରୁ ୩ଜଣ ଏସ୍‌ପିଙ୍କୁ ପୃଥକ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱ ଦିଆଯାଇଛି । ଛତ୍ରପୁର ସହର ପାଇଁ ବ୍ରହ୍ମପୁର ଏସପି, ହିଞ୍ଜିଳି ପାଇଁ ଗଞ୍ଜାମ ଏସପି ଏବଂ କବିସୂର୍ଯ୍ୟନଗର ପାଇଁ କନ୍ଧମାଳ ଏସପି ଦାୟିତ୍ୱରେ ରହିଛନ୍ତି । ଏଥିସହ ୧୫୦ରୁ ଊର୍ଦ୍ଧ୍ୱ ସିନିୟର ପୋଲିସ ଅଫିସର ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ରହିବେ ବୋଲି ଜଣାଯାଇଛି। ଏଥିପାଇଁ ୪୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ଗଞ୍ଜାମ ଏସପି ଜଗମୋହନ ମୀନା ସୂଚନା ଦେଇଛନ୍ତି । ହିଞ୍ଜିଳିରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଛତ୍ରପୁର ଓ କବିସୂର୍ଯ୍ୟନଗରରେ ୧୪ ପ୍ଲାଟୁନ ପୋଲିସ ଫୋର୍ସ ଲେଖାଏଁ ମୁତୟନ ରହିବେ ବୋଲି ସେ କହିଛନ୍ତି। ଶନିବାର ଛତ୍ରପୁର ଆସି ବ୍ରହ୍ମପୁର ଏସପି ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳର ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ଜିଲାର ବହୁ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଓ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମଧ୍ୟ ସଭାସ୍ଥଳ ପରିଦର୍ଶନ କରିବା ସହ ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କ ଠାରୁ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଛନ୍ତି। ଅପରାହ୍ନରେ ଗଞ୍ଜାମ ଏସପି ମଧ୍ୟ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ପୂର୍ବାହ୍ନ ୧୧ ଟାରେ ମୁଖ୍ୟମନ୍ତ୍ରୀ ହେଲିକେପ୍ଟର ଯୋଗେ ଆସି କବିସୂର୍ଯ୍ୟନଗରରେ ପହଞ୍ଚିବେ। ପରେ ହିଞ୍ଜିଳି ଓ ଶେଷରେ ଛତ୍ରପୁରରେ କାର୍ଯ୍ୟକ୍ରମ ସାରି ଅପରାହ୍ନ ୪ ଟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଏ ନେଇ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ହିଞ୍ଜିଳିକାଟୁଠାରେ ହିଞ୍ଜିଳି ଓ ଶେରଗଡ ବ୍ଲକ ନିମନ୍ତେ କାର୍ଯ୍ୟକ୍ରମ ହେବ। ଶେରଗଡ଼ ବ୍ଲକ ନିମନ୍ତେ ୪୮ଟି ପ୍ରକଳ୍ପ ଉଦଘାଟନ କରିବା ସହିତ ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ୫୦୦ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯିବା ସହିତ ୧୧୦୧ ଏସ୍‌ଏଚଜି ମହିଳାଙ୍କୁ ଋଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।



ବ୍ରହ୍ମପୁର ଏମ୍‌ପି ଓ ଏସ୍‌ପି ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।

## ଗୁଟ୍‌ଖା ଜବତ ମାମଲାରେ ୨ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୫।୩ : ଅତିରିକ୍ତ ଜିଲା ଜଜ-୧ ଡା. ଇନ୍ଦୁ ଶର୍ମା ଶନିବାର ଗୁଟ୍‌ଖା ଜବତ ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ୬ ବର୍ଷ ପରେ ଦୁଇଜଣ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ପନ୍ଦରା ସାହିର ହୀନ ସାହୁ ଓ ତାଙ୍କର ଗୁଟ୍‌ଖା ପ୍ରସ୍ତୁତ ଫେକ୍ଟ୍ରିରେ ଶ୍ରମିକ ଭାବେ କାମ କରୁଥିବା ଅରୁଣ କୁମାର ମହାଙ୍କୁଡ। ପ୍ରକାଶ ଯେ, ୨୦୧୬ ଅକ୍ଟୋବର ୧୮ରେ ଖବର ପାଇ ବଡବଜାର ଥାନା ପୋଲିସ ହୀନ ସାହୁଙ୍କ ଘରେ ଚଢଉ କରିଥିଲା। ସେଠାରୁ ବେଆଇନ ଭାବେ ମହଜୁଦ ଥିବା ଗୁଟ୍‌ଖା ଜବତ କରିଥିଲା। ହୀନଙ୍କୁ ଜେରା ପରେ ସେ କବିସୂର୍ଯ୍ୟନଗରରେ ଏକ ଘର ଭଡ଼ା ନେଇ ଚଳାଇଥିବା ଗୁଟୁଖା ଫେକ୍ଟ୍ରିରେ ଚଢ଼ାଉ କରି ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ଗୁଟୁଖା, ଗୁଟୁଖା ପ୍ରସ୍ତୁତି ସରଞ୍ଜାମ, କଞ୍ଚାମାଲ ଜବତ କରିଥିଲା। ସେଠାରେ କାମ କରୁଥିବା ଅରୁଣ ମହାଙ୍କୁଡଙ୍କୁ ମଧ୍ୟ ଗିରଫ କରିଥିଲା। ମାମଲା ନମ୍ବର ୧୪୭/୧୬ ରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

ପୂର୍ବରୁ ସେମାନଙ୍କ ଜାମିନ ଖାରଜ ହୋଇଥିଲା। ପରେ ସେମାନେ ହାଇକୋର୍ଟରୁ ଜାମିନ ପାଇଥିଲେ। ଉକ୍ତ ମାମଲାର ବିଚାର ବେଳେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ରାୟ ପ୍ରକାଶ ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିନଥିବାରୁ ଏଡିଜେ ହୀନ ସାହୁ ଓ ଅରୁଣ ମହାଙ୍କୁଡଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଅନିଲ କୁମାର ସାହୁ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

ସିରିଜ ଚୋରି ଘଟଣାର ପର୍ଦ୍ଦାଫାସ

## ୩ଜଣିଆ ଗ୍ୟାଙ୍ଗ ଧରାପଡ଼ିଲେ

ବ୍ରହ୍ମପୁର ଅଫିସ,୨୫।୩

ନିମଖଣ୍ଡି ପୋଲିସ ସିରିଜି ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ତିନି ଜଣିଆ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି। ଅନ୍ୟପଟେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ରାମ ବେଲମା ଫେରାର ହୋଇଯାଇଥିବା ଜଣାପଡିଛି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କଠାରୁ ଟଙ୍କା, ସୁନା ଗହଣା, ରୁପା ସାମଗ୍ରୀ, ବାଇକ ଗୃହ ନିର୍ମାଣ ସାମଗ୍ରୀ ଜବତ କରିଛି। ନିମଖଣ୍ଡି ଥାନା ଅଞ୍ଚଳରେ ବାରମ୍ବାର ଚୋରି ପରେ ପୋଲିସ ପକ୍ଷରୁ ଏକ ଟିମ ଗଠନ କରାଯାଇଥିଲା। ଏକ ସୂତ୍ରରୁ ଖବର ପାଇ ଉକ୍ତ ଟିମ ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେସନ ନିକଟରୁ ପ୍ରଥମେ ଆନ୍ଧ୍ରପ୍ରଦେଶ ପଲାସାର ପି. କ୍ରିଷ୍ଣା (୨୦)ଙ୍କୁ କାବୁ କରିଥିଲା। ତାଙ୍କୁ ଜେରା କରିବା ପରେ ତାଙ୍କରି ବୟାନକୁ ଆଧାର କରି ଅନ୍ୟତମ ଲୁଟେରା ବଡବଜାର ଥାନା ଅନ୍ତର୍ଗତ ଗଣେଶ ନଗରର ସାଗର ମୁଳି (୧୯) ଓ ଗୋପାଳପୁର ଥାନା ଅନ୍ତର୍ଗତ ନରଣପୁରର ଶ୍ରୀଧର ବେହେରା(୧୯)ଙ୍କୁ ଗିରଫ କରିଛି। ସାଗର ମୁଳି ନାମରେ ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ କହିଛି। ଜେରା ବେଳେ ଉକ୍ତ ଲୁଟିଆ ଗ୍ୟାଙ୍ଗ ନିମଖଣ୍ଡି ଥାନା ଅନ୍ତର୍ଗତ ଭାବିନିପୁର ନୃସିଂହ ମନ୍ଦିର, ବାସୁଦେବ ନଗର, ଚୈତନ୍ୟବିହାର, ଓଡ଼ିଆ ଚଣ୍ଡୀପଦରରୁ ସୁନା ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିଥିଲେ। ସେହିପରି ଗତ ୧୮ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ବୀମା ନଗରରୁ ଏକ ମୋଟର ସାଇକଲ ଚୋରି କରିଥିବା ମଧ୍ୟ ସ୍ୱୀକାର କରିଥିଲେ। ପ୍ରାଥମିକ ତଦନ୍ତରୁ ଏହି ଗ୍ୟାଙ୍ଗ ୫ଟି ସ୍ଥାନରୁ ଚୋରି କରିଥିବା ଜଣାପଡ଼ିଛି। ପୋଲିସ ସେମାନଙ୍କ ନିକଟରୁ ୮୦ହଜାର ଟଙ୍କା, ୧୫.୫୫ଗ୍ରାମ ସୁନା ଗହଣା, ୨୧୪.୦୩ ଗ୍ରାମ ରୁପା ଅଳଙ୍କାର, ୯ ବଣ୍ଡଲ ବିଦ୍ୟୁତ ତା’ର, ୬ଟି ୱାଟର ଟ୍ୟାପ, ଦୁଇଟି ୱାଟର ସାବାର, ଗୋଟିଏ ବାଇକ ଜବତ କରିଛି। ଭାବିନିପୁର ନୃସିଂହ ମନ୍ଦିର ଚୋରି ମାମଲା ନମ୍ବର ୫୩/୨୩ ରେ ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଟଙ୍କା, ସୁନା ଓ ଅନ୍ୟ ସାମଗ୍ରୀ।

### ୮୦ହଜାର ଟଙ୍କା, ସୁନା, ରୁପା, ବାଇକ ଜବତ

## ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ସଂସ୍କାରବାଦୀ

ବ୍ରହ୍ମପୁର ଅଫିସ,୨୫।୩

ବ୍ରହ୍ମପୁର ରେଳ ଷ୍ଟେସନରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଆସନ୍ତା ଏପ୍ରିଲ ୧୨ ତାରିଖରେ ଖୋର୍ଦ୍ଧା ରୋଡ ସ୍ଥିତ ଡିଆରଏମ୍ କାର୍ଯ୍ୟାଳୟ ସମ୍ମୁଖରେ ସଂସ୍କାରବାଦୀ ସଂଗଠନ ଧାରଣା ଦେବ। ଏ ନେଇ ସଂଘର ସଭାପତି ତ୍ରିନାଥ ମହାରଣା ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ଗତ ୧୭ ତାରିଖ ଦିନ ସଂଘ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେସନରେ ବିଭିନ୍ନ ଦାବି ସମୂହକୁ ନେଇ ଷ୍ଟେସନ ସମ୍ମୁଖରେ ୧ ସପ୍ତାହ ଧରି ଗଣଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ ଟ୍ରେନ ଟିକଟରେ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ମହିଳାଙ୍କୁ ୫୦% ଓ ପୁରୁଷଙ୍କୁ ୪୦% ରିହାତି, ପାସେଞ୍ଜର ଓ ମେମୋ ଟ୍ରେନରେ ପୂର୍ବଭଳି ପାସେଞ୍ଜର ଟ୍ରେନ ଟିକଟ ପ୍ରଚଳନ ଆଦି ଦାବି ଥିଲା। କିନ୍ତୁ ଦାବି ପୂରଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଆସନ୍ତା ଅପ୍ରେଲ ୧୨ରେ ଧାରଣା ଦିଆଯିବା ବୋଲି ସଂଘ ପକ୍ଷରୁ କୁହାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ସୁସ୍ମିତା



@ ବିକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷ

### ନାବାଳିକା ଛାତ୍ରୀ ବଳାତ୍କାର ମାମଲା

ବ୍ରହ୍ମପୁର ଅଫିସ,୨୫।୩

ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଏକ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଦୁଇ ଜଣ ଯୁବକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବେଲଗୁଣ୍ଠା ଥାନା ଅଞ୍ଚଳର ମିହିର ଜେନା ଓ କୃଷ୍ଣଚନ୍ଦ୍ର ନାୟକ। ଗିରଫ ପରଠାରୁ ଉପରୋକ୍ତ ଦୁଇ ଯୁବକ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଶନିବାର ଉକ୍ତ ଦୁଇ ଯୁବକ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି।

ପ୍ରକାଶ ଯେ, ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ପ୍ରଲୋଭିତ କରି ତାଙ୍କ ପିଉସୀ ପୁଅ ଭାଇ କୃଷ୍ଣଚନ୍ଦ୍ର ନାୟକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କର ଅନ୍ୟ ଜଣେ ସାଙ୍ଗ ମିହିର ଜେନା ମଧ୍ୟ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଛାତ୍ରୀ ଜଣଙ୍କ ଅସୁସ୍ଥତା ଅନୁଭବ କରିବାରୁ ସ୍ଥାନୀୟ ଆଶା କର୍ମୀ ଜରିଆରେ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ ଆସିଥିଲେ। ଡାକ୍ତର ଚିକିତ୍ସା କରିବା ପରେ ନାବାଳିକା ଛାତ୍ରୀ ଜଣଙ୍କ ଗର୍ଭବତୀ ଥିବା ଜଣାପଡିଥିଲା। ଏନେଇ ପୀଡ଼ିତାଙ୍କ ବାପା ୨୦୨୨ ଜୁଲାଇ ୨୭ରେ ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଜୁଲାଇ ୨୮ରେ ଅଭିଯୁକ୍ତ ମିହିର ଜେନା ଓ କୃଷ୍ଣଚନ୍ଦ୍ର ନାୟକଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୨୨୫/୨୨ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ନାବାଳିକା ଜଣଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ବେଳେ ସେ ଏବେ ତାଙ୍କ ବାପାଙ୍କ ପାଖରେ ରହିଥିବା ଜଣାପଡିଛି। କୋର୍ଟରେ ଉକ୍ତ ମାମଲାର ଶୁଣାଣି ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ପୋଲିସ ମଣ୍ଡଳକାରାଗାରରେ ଥିବା ଦୁଇ ଅଭିଯୁକ୍ତ ମିହିର ଓ କୃଷ୍ଣଙ୍କୁ କୋର୍ଟରେ ହାଜର କରିଥିଲା। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ବିଚାରପତି ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସାୟାଦ ଇକବଲ ଓ ପ୍ରଦୀପ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ଏମ୍‌କେସିଜିରେ କନଷ୍ଟେବଲ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୫।୩

ଏମକେସିଜି ମେଡିକାଲରେ ପୁଣି ଜଣେ ପୋଲିସ କନଷ୍ଟେବଲ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି। ମୃତ ପରୀକ୍ଷାର୍ଥୀ ଜଣଙ୍କ ରାୟଗଡ଼ା ଜିଲା ଆମ୍ବଦୋଳା ଥାନା ଜଗଦଳପୁର ଗ୍ରାମର ହରିଶ୍ଚନ୍ଦ୍ର କୋଶଲିଆ(୨୫) । ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୧୫୪/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ମୃତକଙ୍କ ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଛେଦ କରାଯିବ ବୋଲି ପୋଲିସ କହିଛି। କନଷ୍ଟେବଲ ନିଯୁକ୍ତି ବେଳେ ଚାଲିଥିବା ଶାରୀରିକ ପରୀକ୍ଷାରେ ଶୁକ୍ରବାର ଅପରାହ୍ନରେ ଜଣେ ପରୀକ୍ଷାର୍ଥୀ ହଠାତ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି।

ଲୋପ ପାଇଛି ମହୁରୀ ରାଜବାଟୀର ଐତିହ୍ୟ

## ଠାକୁରାଣୀ ଯାତ୍ରାରେ ରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ରାଜନୀତିରେ ଥିଲା ପରିବାରର ପ୍ରଭାବ

ବ୍ରହ୍ମପୁର ଅଫିସ,୨୫।୩

ବ୍ରହ୍ମପୁରରେ ଆଉ ମାତ୍ର ସପ୍ତାହକ ପରେ ଏପ୍ରିଲ ୪ରୁ ଆରମ୍ଭ ହେବ ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ପ୍ରସିଦ୍ଧ ଯାତ୍ରା। ସେଥିପାଇଁ ଯାତ୍ରା ପରିଚାଳନା କମିଟି ଏବଂ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଅପରପକ୍ଷରେ ପରମ୍ପରା ଅନୁସାରେ ଯାତ୍ରାର ତୃତୀୟ ଦିବସ ଠାରୁ ଶେଷ ପର୍ଯ୍ୟନ୍ତ ସବୁ ସନ୍ଧ୍ୟାରେ ଠାକୁରାଣୀଙ୍କ ଘଟ ମହୁରୀ ରାଜବାଟୀକୁ ଯିବାର ବିଧି ଅଛି। ରାଜା ଆଳତି କରି ପୂଜାର୍ଚ୍ଚନା ପରେ ଅନ୍ୟ ବିଧି ପାଳନ ହେବାର ପ୍ରାଚୀନ କିମ୍ବଦନ୍ତୀ ରହିଛି। ତେବେ ବଡ଼ବଜାର ରାଜା ଗୋର୍ଜିରେ ଥିବା ମହୁରୀ ରାଜବାଟୀର ଅସ୍ତିତ୍ୱ ହଜିଯାଇଛି। ଦୀର୍ଘ ବର୍ଷ ତଳୁ ରାଜବାଟୀ ବ୍ୟବସାୟୀଙ୍କୁ ବିକ୍ରି ହୋଇଛି ଏବଂ ସେହି ପରିସର ମାର୍କେଟ କମ୍ପ୍ଲେକ୍ସରେ ପରିଣତ ହୋଇଯାଇଛି।

ବର୍ତ୍ତମାନ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ପରିବାର ସହ ଭୁବନେଶ୍ୱରରେ ରହୁଛନ୍ତି। ତେବେ ଯାତ୍ରା ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ସେ ବ୍ରହ୍ମପୁରରେ ରହିବାକୁ ବାଧ୍ୟ ଅଟନ୍ତି। ପୁରୁଣା ରାଜବାଟୀ ପରିସରରେ ଏକ ଛୋଟିଆ ବଖରା ଘର ରଖାଯାଇଛି ଏବଂ ସେଠାରେ ଠାକୁରାଣୀଙ୍କ ପରମ୍ପରା ପାଳନ କରାଯାଉଛି। ରାଜାଙ୍କୁ ବ୍ରହ୍ମପୁର ରହଣି ବେଳ ଅନ୍ୟତ୍ର ବ୍ୟବସ୍ଥା ହେଉଛି। ଫଳରେ ମହୁରୀ ରାଜବଂଶର ଅତୀତ ଏବଂ ଐତିହ୍ୟ ବ୍ୟତିକ୍ରମ ଘଟିଛି। ଏହା ପୁରୁଣା କାଳିକ ଲୋକ ଏବଂ ଠାକୁରାଣୀ ପ୍ରେମୀଙ୍କ ମଧ୍ୟରେ ଉଦବେଗର କାରଣ ହୋଇଛି। ସୂଚନାଯୋଗ୍ୟ ସ୍ୱାଧୀନତା ଆନ୍ଦୋଳନ ବେଳେ ତତ୍‌କାଳୀନ ମହୁରୀ ରାଜା ବ୍ରିଟିଶ ସରକାର ବିରୋଧରେ ଲଢ଼େଇ କରୁଥିଲେ। ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମହୁରୀ ରାଜ ପରିବାର ବିଶେଷ ପ୍ରଭାବ ଥିଲା। ସ୍ୱାଧୀନତା ପରବର୍ତ୍ତୀ ୧୯୬୧-୬୨ରେ ହୋଇଥିବା ତୃତୀୟ ନିର୍ବାଚନରେ ରାଜା ଶିଶିର କୁମାର ନରେନ୍ଦ୍ର ଦେବ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗ୍ରାମାଞ୍ଚଳ ଭୋଟରମାନେ ରାଜାଙ୍କୁ ବିପୁଳ ସମର୍ଥନ ଜଣାଇଥିଲେ। ପରବର୍ତ୍ତି ସ୍ଥିତିରେ ୧୯୬୭ ନିର୍ବାଚନରେ ମହୁରୀ ରାଣୀ ରତ୍ନ ମଞ୍ଜରୀ ଦେବୀ ମଧ୍ୟ ବ୍ରହ୍ମପୁର ଆସନରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରି ନିର୍ବାଚିତ ହୋଇଥିଲେ।

## ଗଣିତ ବିଭାଗର ସୁବର୍ଣ୍ଣ ଜୟନ୍ତୀ, ଆଲୋଚନାଚକ୍ର




ଅତିଥି ଓ ଅଧିକାରୀମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୨୫।୩

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ଉନ୍ନତ ଗଣିତରେ ସାମ୍ପ୍ରତିକ ଉଦ୍ଭାବନ’ ଶୀର୍ଷକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗର ମୁଖ୍ୟ ପ୍ରଫେସର ରବିଶଙ୍କର ଶୁକ୍ଳା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ଉଦ୍ୟୋଗ ବିଜ୍ଞାନ ପ୍ରଫେସର ବି.ଏସ ଠାକୁର ଉପସ୍ଥିତ ରହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପ୍ରଫେସର ଏ.କେ କର୍ଣ୍ଣ, ଅବସରପ୍ରାପ୍ତ ପ୍ରଫେସର ଏ.କେ ମିଶ୍ର ଏବଂ ପ୍ରଫେସର ୟୁ.କେ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ ଓ ଅତିଥିଙ୍କ ଦ୍ୱାରା ଏକ ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଡ଼.ମଦନ ମୋହନ ସୋରେନ, ଡ଼.ପଦ୍ମନାଭ ସାମନ୍ତ, ଡ଼.ରଘୁନାଥ ପାତ୍ର, ଡ଼.ପବିତ୍ର କୁମାର ଜେନା, ଡ଼.ଅଜିତ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଜଣେ ମୃତ, ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

- ରାଜନୈତିକ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ ଘଟଣା
- ଗିରଫ ଭୟରେ ୧୨ ବ୍ୟକ୍ତି ଫେରାର

ଦିଗପହଣ୍ଡି,୨୫।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ଗ୍ରାମରେ ବିଜେଡ଼ିର ୨ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଶତ୍ରୁତାରୁ ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟାରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏହି ସଂଘର୍ଷରେ ଉଭୟ ପକ୍ଷର କାଳୁ ଗୌଡ଼, ଜ୍ୟୋତ୍ସ୍ନା ଗୌଡ଼, ପ୍ରତିମା ଗୌଡ଼ ଏବଂ ତୋଫାନ ଗୌଡ଼ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତୋଫାନ ଗୌଡ଼ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଶନିବାର ସକାଳେ ତୋଫାନଙ୍କ ମୃତଦେହକୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଶନିବାର ସକାଳେ ସାଇଣ୍ଟିଫିକ ଟିମ୍ ସହ ଚିକିଟି ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, କେ.ନୂଆଗାଁ ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ, ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ବିଜେଡ଼ିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ଅନୁଷ୍ଠିତ ମହିଳା ସମାବେଶକୁ ଗ୍ରାମର କାଳୁ ଗୌଡ଼ ଓ ତାଙ୍କ ସମର୍ଥକ ମାନେ ବହୁ ସଂଖ୍ୟକ ମହିଳାଙ୍କୁ ନେଇ ଯାଇଥିଲେ। ସନ୍ଧ୍ୟାରେ ସେଠାରୁ ଫେରିଥିଲେ। ଏନେଇ ଅପର ଗୋଷ୍ଠୀର ସଦସ୍ୟମାନେ ବିରୋଧ କରିଥିଲେ। କିଛି ସମୟ ପରେ ଗ୍ରାମର ରବି ପଣ୍ଡାଙ୍କ ଟ୍ରାକ୍ଟର ଓ ଜେସିବି ମେସିନକୁ ଦିଗପହଣ୍ଡି ତହସିଲଦାର ବାଲି ଉତ୍ତୋଳନ ବେଳେ ଜବତ କରିଥିଲେ। ବିଜେଡ଼ିର ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ଏନେଇ ତହସିଲଦାରଙ୍କୁ ସୂଚନା ଦିଆଯାଇଥିବା ସନ୍ଦେହ କରି ଅପର ଗୋଷ୍ଠୀର ଯୁବକମାନେ ସଂଘଟିତ ହୋଇ ବିପକ୍ଷ ଗୋଷ୍ଠୀର ତୋଫାନ ଏବଂ ତାଙ୍କ ବାପା ଉଆଳି ଗୌଡ଼ଙ୍କୁ ଗାଳି ଗୁଲଜ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ତୋଫାନ ପ୍ରତିବାଦ କରିବାରୁ ଜଣେ ଯୁବକ ଏକ ଛୁରିରେ ତୋଫାନଙ୍କ ପେଟକୁ ଭୁଷି ଦେବା ସହ ଅନ୍ୟମାନେ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ତୋଫାନ ରକ୍ତାକ୍ତ ଅବସ୍ଥାରେ ଘରକୁ ଯାଇ ଏକ କୁରାଢି ଆଣି ଅପର ଗୋଷ୍ଠୀର କାଳୁ ଗୌଡ଼ ପୋଖରୀରୁ ଫେରୁଥିବା ବେଳେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପ୍ରତିମା ଗୌଡ଼ ଏବଂ ଜ୍ୟୋତ୍ସ୍ନା ଗୌଡ଼ଙ୍କୁ ମଧ୍ୟ ସେ କୁରାଢିରେ ଚୋଟ ପକାଇଥିଲେ। ପରେ ସମସ୍ତେ ସଂଘବଦ୍ଧ ଭାବେ ତୋଫାନଙ୍କୁ ଆକ୍ରମଣ କରିବାରୁ ସେ ତଳେ ଚେତା ଶୂନ୍ୟ ଅବସ୍ଥାରେ ପଡିଯାଇଥିଲେ। ଛୁରା ମାଡ଼ରେ ତାଙ୍କ ଅନ୍ତବୁଜୁଳା ପଦାକୁ ବାହାରି ପଡିଥିଲା। ବହୁ ସମୟ ପର୍ଯ୍ୟନ୍ତ ସେ ଗାଁ ରାସ୍ତା ରେ ପଡ଼ି ରହିଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାତି ପ୍ରାୟ ୧୦ ଟାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୋଫାନଙ୍କ ବାପା ଉଆଳି ଗୌଡ଼ଙ୍କ ଏତଲା କ୍ରମେ କେ. ନୂଆଗାଁ ଥାନା ମାମଲା ନଂ.୧୧୯ /୨୩ ଏବଂ ବିପକ୍ଷ ଗୋଷ୍ଠୀର କାଳୁ ଗୌଡ଼ଙ୍କ ପୁଅ ମନୋଜ କୁମାର ଗୌଡ଼ଙ୍କ ଏତଲା କ୍ରମେ ଥାନା ମାମଲା ନଂ.୧୨୦/୨୩ ଅନୁଯାୟୀ ପୋଲିସ ପୃଥକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ଗାଁର ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଫେରାର ଥିବା ପୋଲିସ କହିଛି। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଗ୍ରାମରେ ବିଜେଡ଼ିର ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି।

